# NATIONAL NEWS BULLETIN (ODIA)

**17 December- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ଇଥୋପିଆ ସଂସଦର ମିଳିତ ଅଧିବେଶନକୁ ସମ୍ବୋଧିତ କଲେ ପ୍ରଧାନମନ୍ତ୍ରୀ ।

\- ଭାରତ ଇଥୋପିଆ ମଧ୍ୟରେ ଦ୍ୱିପାକ୍ଷିକ ସ୍ୱାର୍ଥ ସମ୍ବଳିତ ୮ଟି ବୁଝାମଣା ପତ୍ର ସ୍ୱାକ୍ଷରିତ ।

- ରାଷ୍ଟ୍ରପତି ଆଜି ଭେଲୋରଠାରେ ବିଭିନ୍ନ କାର୍ଯ୍ୟକ୍ରମରେ କଲେ ଯୋଗଦାନ ।
- ୨୦୨୪-୨୫ ଆର୍ଥିକ ବର୍ଷରେ ଦେଶରେ କୋଇଲା ଉତ୍ପାଦନ ୧ ବିଲିୟନ ଟନ୍‌ରେ ପହଞ୍ଚିଛି-ସୂଚନା ଦେଲେ କେନ୍ଦ୍ରମନ୍ତ୍ରୀ ।
- ଭାରତୀୟ ରେଳବାଇରେ ୨ହଜାର କିଲୋମିଟରରୁ ଅଧିକ ରୁଟ୍‌ରେ ସୁରକ୍ଷା ବ୍ୟବସ୍ଥା 'କବଚ' କାର୍ଯ୍ୟକ୍ଷମ ହୋଇଛି- କହିଲେ ରେଳମନ୍ତ୍ରୀ ।
- ଭାରତୀୟ ନୌବାହିନୀରେ ଆଜି ସାମିଲ ହେବ ଦ୍ୱିତୀୟ ଏମ୍‌ଏଚ୍-୬୦ ଅର୍ ସିହକ୍ ହେଲିକପ୍ଟର ।

ଏବଂ

- ଭାରତ ଓ ଦକ୍ଷିଣ ଆଫ୍ରିକା ଚଳିତ ପୁରୁଷବର୍ଗ ଟି-ଟ୍ୱେଣ୍ଟି କ୍ରିକେଟ୍ ସିରିଜ୍‌ର ଲକ୍ଷ୍ନୌ ଠାରେ ଆଜି ଖେଳାଯିବ ଚତୁର୍ଥ ମ୍ୟାଚ୍ ।

# ପିଏମ୍-ଇଥୋପିଆ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଆଦିସ୍-ଅବାବାଠାରେ ଇଥୋପିଆ ସଂସଦର ମିଳିତ ଅଧିବେଶନରେ ଉଦ୍‌ବୋଧନ ଦେଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦ୍‌ବୋଧନ ଦେଇ କହିଛନ୍ତି, ଭାରତର ଜାତୀୟ ସଂଗୀତ ବନ୍ଦେ ମାତରମ ଏବଂ ଇଥୋପିଆର ଜାତୀୟ ସଂଗୀତ ଉଭୟ ଦେଶ ମାତୃକାର ସମ୍ମାନ ପାଇଁ ଉଦ୍ଦିଷ୍ଟ । ଏହି ସଂଗୀତ ଆମକୁ ଦେଶ ମାତୃକାର ଐତିହ୍ୟ, ସଂସ୍କୃତି, ସୌନ୍ଦର୍ଯ୍ୟ ଏବଂ ସୁରକ୍ଷା ପାଇଁ ଗୌରବାନ୍ୱିତ କରିଥାଏ । ପ୍ରଧାନମନ୍ତ୍ରୀ କହିଛନ୍ତି ଭାରତ ଏବଂ ଇଥୋପିଆ ଜଳବାୟୁ କ୍ଷେତ୍ରରେ ସହାବସ୍ଥାନ ପାଇଁ ନିଜନିଜର ମତ ବିନିମୟ କରିଥିଲେ । ପାଖାପାଖି ୨୦୦୦ ବର୍ଷ ପୂର୍ବେ ଆମର ପୂର୍ବଜ ସାମୁଦ୍ରିକ କ୍ଷେତ୍ରରେ ଦେଶଦେଶ ମଧ୍ୟରେ ସଂଯୋଗ ସ୍ଥାପନ କରିଥିଲେ ।  ଭାରତ ମହାସାଗରରେ ବଣିକମାନେ ମସଲା, ସ୍ୱର୍ଣ୍ଣ ଆଦି ବାଣିଜ୍ୟିକ କାରବାର କରି ଦେଶ ଦେଶ ମଧ୍ୟରେ ଚିନ୍ତାଧାରା ଏବଂ ଜୀବନଶୈଳୀର ସମ୍ପର୍କରେ ତଥ୍ୟ ବିନିମୟ କରିପାରିଥିଲେ । ଇଥୋପିଆର ଆଦିସ୍ ଏବଂ ଧୋଲେରା ବନ୍ଦର କେବଳ ବାଣିଜ୍ୟିକ କେନ୍ଦ୍ର ନୁହଁନ୍ତି ବରଂ ଦୁଇ ସଭ୍ୟତାର ଏକ ସେତୁ ବୋଲି ପ୍ରଧନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ।

ଭାରତ ଏବଂ ଇଥୋପିଆ ରଣନୈତିକ ଭାଗିଦାରୀତା କ୍ଷେତ୍ରରେ ଐତିହାସିକ ସମ୍ପର୍କକୁ ତ୍ୱରାନ୍ୱିତ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଇଥୋପିଆ ପ୍ରତିପକ୍ଷ ଅବିୟ ଅହମ୍ମଦ ଅଲ୍ଲୀଙ୍କ ସହ ଗତକାଲି ଆଦିସ୍ ଅବାବାଠାରେ  ଦ୍ୱିପାକ୍ଷିକ ଏବଂ ଆପୋଷ ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ନେଇ ଆଲୋଚନା କରିଥିଲେ । ଦୁଇଦେଶ ମଧ୍ୟରେ ରଣନୈତିକ ଭାଗିଦାରୀ

ବର୍ହି ସହଯୋଗ, ଇଥୋପିଆ ବୈଦେଶିକ ମନ୍ତ୍ରଣାଳୟରେ ଡାଟାସେଣ୍ଟର ସ୍ଥାପନ, ଜାତିସଂଘ ଶାନ୍ତିରକ୍ଷା ପ୍ରଶିକ୍ଷଣ ସହଯୋଗ, ଜି-୨୦ ଅଧୀନରେ ଋଣ ପୁର୍ନଗଠନ, ଆଇସିସିଆର୍ ବୃତ୍ତି ଏବଂ ଇଥୋପିଆ ପାଇଁ କୃତ୍ରିମ ବୁଦ୍ଧିମତା ପାଠ୍ୟକ୍ରମ ବ୍ୟବସ୍ଥା ନେଇ ୮ଟି ବୁଝାମଣା ସ୍ୱାକ୍ଷରିତ ହୋଇଥିଲା । ଦୁଇଦେଶର କଥାବାର୍ତ୍ତା ସମ୍ପର୍କରେ ବୈଦେଶିକ ମନ୍ତ୍ରଣାଳୟ ସଚିବ ସୁଧାକର ଦଲେଲା କହିଛନ୍ତି ଭାରତ ଏବଂ ଇଥୋପିଆ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ତ୍ୱରାନ୍ୱିତ ହେବା ସହ ପରବର୍ତ୍ତୀ ପୀଢ଼ି ପାଇଁ ନୂତନ ଦିଗ୍‌ଦର୍ଶନ ଦେବ ।

ଇଥିଓପିଆ ଗସ୍ତ ଶେଷ କରି ପ୍ରଧାନମନ୍ତ୍ରୀ ତ୍ରିରାଷ୍ଟ୍ରୀୟ ଗସ୍ତର ଅନ୍ତିମ ପର୍ଯ୍ୟାୟରେ ଆଜି ସନ୍ଧ୍ୟାରେ ଓମାନ୍ ଗସ୍ତରେ ଯିବେ । ଓମାନ୍ ରାଷ୍ଟ୍ର ମୁଖ୍ୟ ସୁଲତାନ ହାଇଥାମ୍ ବିନ୍ ତାରିକ୍‌ଙ୍କ ନିମନ୍ତ୍ରଣ କ୍ରମେ ଶ୍ରୀ ମୋଦୀ ଏହି ଗସ୍ତରେ ଯାଉଛନ୍ତି । ପ୍ରଧାନମନ୍ତ୍ରୀଙ୍କ ସହ ଏକ ଉଚ୍ଚ ପ୍ରତିନିଧି ମଣ୍ଡଳୀ ମଧ୍ୟ ଓମାନ୍ ଗସ୍ତରେ ଯିବେ । ଗସ୍ତ ଅବସରରେ ଉଭୟ ଦେଶ ମଧ୍ୟରେ ଆର୍ଥିକ ସହଭାଗିତା ବୃଦ୍ଧି ନେଇ କେତେକ ବୁଝାମଣାପତ୍ର ସ୍ୱାକ୍ଷରିତ ହେବାର କାର୍ଯ୍ୟସୂଚୀ ରହିଛି ।

## ଶାହା-ପିଏମ୍ ୱିଶ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଇଥୋପିଆର ସର୍ବୋଚ୍ଚ ସମ୍ମାନ 'ଦ ଗ୍ରେଟ୍ ଅନର ନିଶାନ ଅଫ୍ ଇଥୋପିଆ'ରେ ସମ୍ମାନିତ କରାଯାଇଥିବାରୁ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆଜି ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ

ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ଶାହା କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ବିଦେଶ ରାଷ୍ଟ୍ରରୁ ଏହା ହେଉଛି ୨୮ତମ ପୁରସ୍କାର । ବିଶ୍ୱ ଗଣତନ୍ତ୍ରରେ ଭାରତର ଉଦୀୟମାନ ସ୍ଥିତିର ଏହା ପ୍ରତିଫଳିତ କରୁଛି ବୋଲି ସେ କହିଛନ୍ତି । ଏହା ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଗର୍ବ ଓ ଗୌରବର ମୁହୂର୍ତ୍ତ ଏବଂ ଏହି ସମ୍ମାନ ଭାରତ-ଇଥୋପିଆ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ବଜାୟ ରଖିବା ଦିଗରେ ସହାୟକ ହେବ ବୋଲି ସେ କହିଛନ୍ତି ।

କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ତଥା ବିଜେପି ନେତା ଜଗତ ପ୍ରସାଦ ନଡ୍ଡା ମଧ୍ୟ ଶ୍ରୀ ମୋଦୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ନଡ୍ଡା କହିଛନ୍ତି ୧ ଦଶମିକ ୪ ବିଲିୟନ ଭାରତୀୟଙ୍କ ଏହା ହେଉଛି ସମ୍ମାନର ମୁହୂର୍ତ୍ତ । ମନ୍ତ୍ରୀ ସୂଚନା ଦେଇ କହିଛନ୍ତି ଏହି ସଫଳତା ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କର ଏକ ପ୍ରତୀକ ।

## ରାଷ୍ଟ୍ରପତି-ସଦନ୍ ସୋଜର୍ଣ୍ଣ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ତାମିଲନାଡୁର ଭେଲୋରଠାରେ ପହଞ୍ଚିଛନ୍ତି । ତାମିଲନାଡୁ ରାଜ୍ୟପାଳ ଆର୍.ଏନ୍.ରବି, ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଦୂରାଇ ମୁରୁଗନ ପ୍ରମୁଖ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ରାଷ୍ଟ୍ରପତି ଭେଲୋରଠାରେ ପ୍ରାର୍ଥନାସଭାର ଉଦ୍‌ଘାଟନ କରିଛନ୍ତି । ପେରୁମାଲ ମନ୍ଦିର ଯାଇ ରାଷ୍ଟ୍ରପତି ସେଠାରେ ଆରତୀ କରିବା ସହ ଗଣେଶ ଏବଂ ସ୍ୱର୍ଣ୍ଣଲକ୍ଷ୍ମୀ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ । ରାଷ୍ଟ୍ରପତିଙ୍କୁ ସେଠାରେ ପୂର୍ଣ୍ଣକୁମ୍ଭ ସ୍ୱାଗତ କରାଯାଇଥିଲା । ମନ୍ଦିର ପରିସରରେ ରାଷ୍ଟ୍ରପତି ଚାରାରୋପଣ କରିଥିଲେ । ଭେଲୋରଠାରେ

୧୦୦ ଏକର ପରିମିତ ଅଞ୍ଚଳରେ ଶ୍ରୀପୁରମ୍ ଆରିୟୁର ନାରାୟଣୀ ସ୍ୱର୍ଣ୍ଣ ମନ୍ଦିର ରହିଛି । ମନ୍ଦିର ପରିସରରେ ଏକ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲ ମଧ୍ୟ ରହିଛି । ରାଷ୍ଟ୍ରପତି ମୁର୍ମୁ ଗତକାଲିଠାରୁ କର୍ଣ୍ଣାଟକ, ତାମିଲନାଡୁ ଏବଂ ତେଲଙ୍ଗାନାକୁ ୭ ଦିନିଆ ଗସ୍ତରେ ଯାଇଛନ୍ତି ।

ରାଷ୍ଟ୍ରପତି ମୁର୍ମୁ ଆଜି ଅପରାହ୍ଣରେ ସିକନ୍ଦରାବାଦ୍‌ର ବୋଲାରାମ୍ ସ୍ଥିତ ରାଷ୍ଟ୍ରପତି ନିଳୟମ୍‌ରେ ପହଞ୍ଚିବେ । ଆସନ୍ତା ଶୁକ୍ରବାର ଦିନ ରାଷ୍ଟ୍ରପତି ରାଜ୍ୟ ଲୋକସଭା ଆୟୋଗ ପକ୍ଷରୁ ଆୟୋଜିତ ଜାତୀୟ ଅଧ୍ୟକ୍ଷ ସମ୍ମିଳନୀକୁ ଉଦ୍‌ଘାଟନ କରିବେ । ୨୦ ତାରିଖରେ ଗଚିବୌଲି ଠାରେ ବ୍ରହ୍ମା କୁମାରୀ ଶାନ୍ତି ସରୋବର ଦ୍ୱାରା ଆୟୋଜିତ ଭାରତର କାଳଜୟୀ ଜ୍ଞାନ ଶାନ୍ତି ଓ ପ୍ରଗତିର ପଥ ଶୀର୍ଷକ ସମ୍ମିଳନୀକୁ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି ।

## ଏଲ୍‌ଏସ୍-କବଚ ସିଷ୍ଟମ

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଭାରତୀୟ ରେଳବାଇରେ ୨ହଜାର କିଲୋମିଟରରୁ ଅଧିକ ରୁଟ୍‌ରେ ସ୍ୱୟଂଚାଳିତ ରେଳ ସୁରକ୍ଷା ବ୍ୟବସ୍ଥା 'କବଚ' କାର୍ଯ୍ୟକ୍ଷମ ହୋଇଛି । ଏହା ଯାତ୍ରୀମାନଙ୍କ ସୁରକ୍ଷା ଏବଂ ଟ୍ରେନ୍ ପରିଚାଳନା ପ୍ରକ୍ରିୟା ବୃଦ୍ଧିକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ଆରମ୍ଭ କରାଯାଇଛି । ଲୋକସଭାରେ ଆଜି ଏକ ଅତିରିକ୍ତ ପ୍ରଶ୍ନର ଉତ୍ତର ଦେଇ ଶ୍ରୀ ବୈଷ୍ଣବ କହିଛନ୍ତି ୪ହଜାର ୧୫୪ଟି ଟ୍ରେନ୍‌ରେ ରେଳବାଇ

ସଫଳତାର ସହ ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ କବଚ ରେଳ ସୁରକ୍ଷା ବ୍ୟବସ୍ଥା ସ୍ଥାପନ କରିଛି । ଏହି ସୁରକ୍ଷା ବ୍ୟବସ୍ଥା କାର୍ଯ୍ୟ ଦ୍ରୁତଗତିରେ ଚାଲିଛି ଏବଂ ଏ କ୍ଷେତ୍ରରେ ୪୦ହଜାରରୁ ଊର୍ଦ୍ଧ୍ୱ ଅପରେଟର ଏବଂ ଯାନ୍ତ୍ରିକ କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଛି ।

## ଏଲ୍ଏସ୍-କୋଲ ପ୍ରଡକ୍ସନ

କେନ୍ଦ୍ର କୋଇଲା ମନ୍ତ୍ରୀ ଜି. କିଶନ ରେଡ୍ଡୀ ଆଜି କହିଛନ୍ତି ୨୦୨୪-୨୫ ଆର୍ଥିକ ବର୍ଷରେ ଦେଶରେ କୋଇଲା ଉତ୍ପାଦନ ପ୍ରଥମଥର ଲାଗି ପାଖାପାଖି ୧ ବିଲିୟନ ଟନ୍‌ରେ ପହଞ୍ଚିଛି । ଲୋକସଭାରେ ଆଜି ଏକ ଅତିରିକ୍ତ ପ୍ରଶ୍ନର ଉତ୍ତର ଦେଇ ଶ୍ରୀ ରେଡ୍ଡୀ କହିଛନ୍ତି ଗତ ୧୦ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କୋଇଲା କ୍ଷେତ୍ରରେ ବୃହତ୍ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି । ସେ କହିଛନ୍ତି ସମସ୍ତ କ୍ଷେତ୍ରରେ କୋଇଲା ଉତ୍ପାଦନ ଏବଂ ଯୋଗାଣକୁ ସରକାର ସୁନିଶ୍ଚିତ କରିଛନ୍ତି । ଭାରତ ବର୍ତ୍ତମାନ ବିଶ୍ୱର ଦ୍ୱିତୀୟ ବୃହତ୍ତମ କୋଇଲା ଉତ୍ପାଦନକାରୀ ଏବଂ ବ୍ୟବହାରକାରୀ ରାଷ୍ଟ୍ର ହୋଇପାରିଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି । ସେ କହିଛନ୍ତି ବିଶ୍ୱରେ ଭାରତ ପଞ୍ଚମ ବୃହତ୍ତମ କୋଇଲା ସଂରକ୍ଷଣ ରାଷ୍ଟ୍ର ହୋଇଥିବାବେଳେ ଦେଶରେ ଆଗାମୀ ୭ ବର୍ଷ ପାଇଁ ପର୍ଯ୍ୟାପ୍ତ କୋଇଲା ଗଚ୍ଛିତ ରହିଛି ।

ମନ୍ତ୍ରୀ କହିଛନ୍ତି ୨୦୩୦ ମସିହା ସୁଦ୍ଧା ସରକାର କୋଇଲା ବାଷ୍ପୀକରଣ ଅଭିଯାନ ଦିଗରେ କାର୍ଯ୍ୟ କରୁଛନ୍ତି ଏବଂ ଏହି ଅଭିଯାନ ୧୦୦ ମିଲିୟନ

ଟନ୍‌ରେ ପହଞ୍ଚିବା ଲକ୍ଷ୍ୟ ରଖାଯାଇଛି । ଦେଶରେ ପ୍ରଥମଥର ଲାଗି ଭୂତଳ କୋଇଲା ବାଷ୍ପୀକରଣ ବ୍ଲକ ନିଲାମ କରାଯାଇଥିଲା ବୋଲି ସେ ସୂଚନା ଦେଇଛନ୍ତି ।

## ନାଭାଲ ଆଭିଏସନ

ସାମୁଦ୍ରିକ ସୁରକ୍ଷା ଦିଗରେ ଏକ ଉଲ୍ଲେଖନୀୟ ଘଟଣା କ୍ରମରେ ଭାରତୀୟ ନୌବାହିନୀ ପକ୍ଷରୁ ଦ୍ୱିତୀୟ ଏମ୍.ଏଚ୍-୬୦ଆର୍ ସିହକ୍ ହେଲିକପ୍ଟର ସ୍କ୍ୱାଡ୍ରନ, ଆଇଏନ୍‌ଏଏସ୍-୩୩୫ ଖୁବ୍‌ଶୀଘ୍ର ଗୋଆଠାରେ ଆଇଏନ୍‌ଏସ୍ ହଂସରେ ସାମିଲ କରାଯିବ । ନୌବାହିନୀ ମୁଖ୍ୟ ଆଡମିରାଲ ଦୀନେଶ କେ. ତ୍ରିପାଠୀ ଅପରାହ୍ଣରେ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବେ । ଏମ୍‌ଏଚ୍-୬୦ଆର୍‌ରେ ସେନସର, ଆଧୁନିକ ଯୁଦ୍ଧାସ୍ତ୍ର, ପ୍ରତିରୋଧ କ୍ଷମତା ଆଦି ଆଧୁନିକ ଯନ୍ତ୍ରାଂଶ ରହିଛି । ଏହା ଭାରତର ସମନ୍ୱିତ ଉଡାଣ ଶକ୍ତି ବୃଦ୍ଧି କରିବ ବୋଲି ନୌବାହିନୀ ପକ୍ଷରୁ ସୂଚନା ଦିଆଯାଇଛି ।

## ଜୟଶଙ୍କର-ଭୁଟାନ

ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର ଭୁଟାନର ଜାତୀୟ ଦିବସ ଅବସରରେ ବୈଦେଶିକ ମନ୍ତ୍ରୀ ଲିଓନୋକୋ ଡି.ଏନ୍ ଧୁଙ୍ଗେଲ ଏବଂ

ଭୁଟାନବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମର ଏକ ପୋଷ୍ଟରେ ଶ୍ରୀ ଜୟଶଙ୍କର କହିଛନ୍ତି ଦୁଇଦେଶ ମଧ୍ୟରେ ସ୍ୱତନ୍ତ୍ର ଏବଂ ଅନନ୍ୟ ସହଭାଗିତାର ନିରନ୍ତର ବିକାଶ ପାଇଁ ଭାରତ ପ୍ରତିଶ୍ରୁତିବଦ୍ଧ ।

## କ୍ରିକେଟ୍

ଭାରତ ଓ ଦକ୍ଷିଣ ଆଫ୍ରିକା ଚଳିତ ପୁରୁଷ ବର୍ଗ ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ କ୍ରିକେଟ୍ ସିରିଜ୍‌ର ଚତୁର୍ଥ ମ୍ୟାଚ୍ ଆଜି ଲକ୍ଷ୍ନୌ ଠାରେ ଖେଳାଯିବ । ଭାରତୀୟ ସମୟ ସନ୍ଧ୍ୟା ୭ଟାରେ ଲକ୍ଷ୍ନୌର ଭାରତରତ୍ନ ଶ୍ରୀ ଅଟଳବିହାରୀ ବାଜପେୟୀ ଏକନା କ୍ରିକେଟ୍ ଷ୍ଟାଡିୟମ୍ ଠାରେ ଏହି ମ୍ୟାଚ୍ ଆରମ୍ଭ ହେବ । ସିରିଜ୍‌ରେ ୨-୧ରେ ଭାରତ ଆଗୁଆ ରହିଛି । ପଞ୍ଚମ ତଥା ଅନ୍ତିମ ମ୍ୟାଚ୍ ଆସନ୍ତା ଶୁକ୍ରବାର ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍ ଠାରେ ଖେଳାଯିବ । ଅଲ୍‌ରାଉଣ୍ଡର ଅକ୍ଷର ପଟେଲ ଅସୁସ୍ଥତା କାରଣରୁ ଚତୁର୍ଥ ଏବଂ ପଞ୍ଚମ ମ୍ୟାଚ୍‌ରୁ ବାଦ୍ ଦିଆଯାଇଛି । ତାଙ୍କ ବଦଳରେ ସେହେବାଜ ଅହମ୍ମଦଙ୍କୁ ଦଳରେ ସାମିଲ କରାଯିବା ନେଇ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ ସୂଚନା ଦେଇଛି ।

# ବିଜେପି-ନ୍ୟାସନାଲ ହେରାଲ୍ଡ

ନ୍ୟାସନାଲ ହେରାଲ୍ଡ ବେଆଇନ କଳାଧନ କାରବାର ମାମଲାରେ କଂଗ୍ରେସ ନେତା ସୋନିଆ ଗାନ୍ଧୀ ଏବଂ ରାହୁଲ ଗାନ୍ଧୀଙ୍କୁ ସାମୟିକ ଆଶ୍ୱସ୍ତି ମିଳିଥିଲେ ମଧ୍ୟ ଏହି ମାମଲାରେ ଏବେବି ଅଭିଯୁକ୍ତ ରହିଛନ୍ତି ବୋଲି ବିଜେପି କହିଛି । ନୂଆଦିଲ୍ଲୀଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେପି ମୁଖପାତ୍ର ଗୌରବ ଭାଟିଆ କହିଛନ୍ତି କଂଗ୍ରେସ ନେତାଙ୍କୁ ଅଦାଲତ ଏହି ମାମଲାରୁ ସଂପୂର୍ଣ୍ଣ ମୁକ୍ତ କରିନାହାନ୍ତି । ସେମାନେ ଏବେ ଜାମିନ୍‌ରେ ଅଛନ୍ତି ।